# ଜନ ଅଭିଯୋଗ ଶୁଣାଣି ଶିବିରରେ ଅବ୍ୟବସ୍ଥା

- ଜଣେ ଅଧିକାରୀ ବସି ରହିଲେ ଦେଢ଼ଘଣ୍ଟା,
- ଅନ୍ୟ ଅଧିକାରୀ ଆସିବା ପରେ ହେଲା ଶୁଣାଣି
- ଅଭିଯୋଗ ଜଣାଇ ନ ପାରି ଫେରିଗଲେ ବହୁ ହିତାଧିକାରୀ

ପାରଳାଖେମୁଣ୍ଡି, ୨।୩(ଗିରିଧାରୀ ପରିଚ୍ଛା) ସୋମବାର ମାର୍ଚ୍ଚ ମାସର ପ୍ରଥମ ଜନ ଅଭିଯୋଗ ଶୁଣାଣି ଶିବିରରେ ଗଜପତି ଜିଲା ସଦର ପାରଳାଖେମୁଣ୍ଡିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଥିଲା । ତେବେ ଆରମ୍ଭରୁ ପାଖାପାଖି ୨ଘଣ୍ଟା ପର୍ଯ୍ୟନ୍ତ ଜିଲାସ୍ତରୀୟ ଅଧିକାରୀମାନେ ଅନୁପସ୍ଥିତ ଥିଲେ। କେବଳ ଅତିରିକ୍ତ ଜିଲାପାଳ ମୁନିନ୍ଦ୍ର ହୋନନାଗା ଉପସ୍ଥିତ ଥିଲେ। ଶୁଣାଣି ଆରମ୍ଭ ହେବାର ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଶୁଣାଣି କକ୍ଷରେ ଏସ୍‌ପି, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ପ୍ରଶାସକ, ତହସିଲଦାର କିମ୍ବା ଅନ୍ୟ କୌଣସି ଜିଲାସ୍ତରୀୟ ଅଧିକାରୀଙ୍କ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ଦେଖା ମିଳି ନ ଥିଲା। ଫଳରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ଶୁଣାଣିକୁ ଅଧିକାଂଶ ଲୋକେ ଧାନର ଅଭାବି ବିକ୍ରି, ପାନୀୟ ଜଳ ସମସ୍ୟା, ରାସ୍ତା ଘାଟ, ଭତ୍ତା, ରାଶନ କାର୍ଡ ସମସ୍ୟା ନେଇ ଅଭିଯୋଗ କରିବାକୁ ଆସିଥିଲେ। ଅଭିଯୋଗ ଶୁଣାଣି କକ୍ଷକୁ ନିଜ ଅଭିଯୋଗ ପତ୍ର ଧରି ଯିବାକୁ ଅଧିକାରୀମାନଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ନିରାଶ ହୋଇ ଫେରିବାକୁ ପଡିଥିଲା।


ଅନ୍ୟ ଅଧିକାରୀଙ୍କ ଅପେକ୍ଷାରେ ବସି ରହିଛନ୍ତି ଅତିରିକ୍ତ ଜିଲାପାଳ ।

ସୂଚନାଯୋଗ୍ୟ, ଏବେ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥିବା ବେଳେ ଜଲାର ଅନେକ ବ୍ଲକରେ ପାନୀୟ ଜଳ ଅଭାବ ଯୋଗୁ ଲୋକେ ପିଇବା ପାଇଁ ପାଣି ମୁନ୍ଦେ ପାଉନାହାନ୍ତି। ପାନୀୟ ଜଳ ସମସ୍ୟା ନେଇ ଅନେକ ଲୋକ ବିଭିନ୍ନ ସ୍ଥାନରୁ ଆସିଥିଲେ। ସେହିପରି ଧାନର ଅଭାବି ବିକ୍ରି ଯୋଗୁ ଗଜପତି ଜିଲାର ଗୋସାଣି ବ୍ଲକର ଅନେକ ପଞ୍ଚାୟତରେ ଶହଶହ କୁଇଣ୍ଟାଲ ଧାନ ବିକ୍ରି ନ ହୋଇପାରି ଖଳାରେ ପଡି ରହିଛି। ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ମଧ୍ୟ ସରିବାକୁ ବସିଲାଣି। ଏଭଳି ପ୍ରଶାସନକୁ ଜଣାଇବାକୁ ଆସି ଲୋକେ ଫେରିଥିଲେ। ସେହିଭଳି କେତେ ଜଣ ବରିଷ୍ଠ ନାଗରିକ ମଧ୍ୟ ନିଜ ସମସ୍ୟା ନେଇ ଅଭିଯୋଗ ଶୁଣାଣିକୁ ଆସି ନିରାଶ ହୋଇଛନ୍ତି।

ଅନ୍ୟପକ୍ଷରେ ସାଢେ ୧୧ଟା ପରେ ପ୍ରାୟ ୧୨ଟା ପାଖାପାଖି ବେଳକୁ ଏସ୍‌ପି ଯତୀନ୍ଦ୍ର ପଣ୍ଡା, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ପହଞ୍ଚି ଅଭିଯୋଗ ଶୁଣାଣି କରିଥିଲେ। ଅପେକ୍ଷା କରିଥିବା ଲୋକେ ସେମାନଙ୍କ ଅଭିଯୋଗ ଅଧିକାରୀମାନଙ୍କୁ ପ୍ରଦାନ କରିଥିଲେ। ଶୁଣାଣି ପାଇଁ ୯୬ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ଅଭିଯୋଗ ୮୨ଟି, ଗ୍ରାମ ସମସ୍ୟା ଭିତ୍ତିକ ୧୪ଟି ଥିଲା। ଅଭିଯୋଗଗୁଡିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଛି।

## ସଂକ୍ଷେପରେ

### ୪.୫ କୋଟି ଠକେଇ, ୩ ଗିରଫ

ଭଞ୍ଜନଗର, ୨।୩(ବାବୁଲା ପ୍ରଧାନ) ଅପରେଶନ ସାଇବର କବଚ ଗଞ୍ଜାମ ପୋଲିସକୁ ସଫଳତା ଦେଇଛି। ସୋମବାର ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶରେ ଭଞ୍ଜନଗର ପୋଲିସ ଟିମ୍ ୪.୫ କୋଟି ଟଙ୍କାର ଏକ ସାଇବର ଠକେଇ ମାମଲାରେ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ୧୬୨/୨୬ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ବେଳେ ଅଭିଯୁକ୍ତମାନେ ୪.୫ କୋଟି ଟଙ୍କାର ଠକେଇ କରିଥିବା ଜାଣିପାରିଛି। ସେମାନେ ବିଭିନ୍ନ ଡିଜିଟାଲ ମାଧ୍ୟମ ମାଧ୍ୟମରେ ଲୋକଙ୍କୁ ଠକି ଏହି ଅର୍ଥ ହସ୍ତଗତ କରିଥିବା ସେମାନଙ୍କ ବିରୋଧରେ ଅଭିଯୋଗ ରହିଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ଯୋଗଶାଳା, ହାଇମାଷ୍ଟ ଉଦ୍‌ଘାଟନ କଲେ ବିଧାୟକ

ଛତ୍ରପୁର, ୨।୩(ଦିଲୀପ ସାମଲ) ଯୁବ ପିଢ଼ିଙ୍କୁ ସୁସ୍ଥ, ସଚେତନ ଓ ସଶକ୍ତ କରିବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲା ଛତ୍ରପୁର ସଦରସ୍ଥିତ ଷ୍ଟାଡିୟମ ପରିସରରେ ନବନିର୍ମିତ ଯୋଗଶାଳା ଓ ୨ଟି ହାଇମାଷ୍ଟ ଲାଇଟ ଓ ଆଇ ଲଭ ଛତ୍ରପୁର ନିକଟରେ ଏକ ହାଇମାଷ୍ଟ ଲାଇଟ୍‌ର ଉଦଘାଟନ ହୋଇଛି । ଏହାକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ସୋମବାର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହା ଦ୍ୱାରା କ୍ରୀଡ଼ା ପ୍ରତିଭାମାନେ ଉପକୃତ ହେବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସଚେତନତାକୁ ମଧ୍ୟ ଏକ ନୂତନ ଦିଗଦର୍ଶନ ମିଳିବ ବୋଲି ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ପୌର ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧକ୍ଷ ଜି. ପାପା ରାଓ, କାଉନସିଲର ଟି. ଗଣେଶ, ଅମରେଶ ମହାରଣା, ମାମା ସେଠୀ, ଡ଼ି. ଇନ୍ଦୁ, ମମତା ପାତ୍ର, ପ୍ରୀତିଛନ୍ଦା ସାମଲଙ୍କ ସମେତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### କାଠ ବୋଝେଇ ଟ୍ରାକ୍ଟର ଜବତ, ୨ ଜେଲ ଗଲେ

ଦିଗପହଣ୍ଡି, ୨।୩(ଅଶେଷ ନାଥ ମିଶ୍ର): ସାନଖେମୁଣ୍ଡି ବ୍ଲକ ବର ମୁଣ୍ଡୁଳି ଗ୍ରାମ ରାସ୍ତାରେ ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ବନ ବିଭାଗ ପାଟ୍ରୋଲିଂ ଚାଲିଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିବାରୁ ଡାଲାରେ ବହୁ ପରିମାଣର ଶାଗୁଆନ କାଠ ଥିବା ଜଣାପଡିଥିଲା। ଉକ୍ତ କାଠ ଚୋରା ଚାଲାଣ କରୁଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦିଗପହଣ୍ଡି ଥାନା ଛଣମେରି ଗ୍ରାମର ଟ୍ରାକ୍ଟର ମାଲିକ ସିମାଞ୍ଚଳ ପାତ୍ର(୫୮) ଏବଂ ଭୀଷ୍ମ ଗିରି ଗ୍ରାମର ଏମ. ନିଳାଞ୍ଚଳ ପାତ୍ର(୩୦)। ଜବତ ୫୨.୪ ଘନଫୁଟର କାଠ ସହ ଟ୍ରାକ୍ଟରକୁ ପୋଡ଼ାମାରି ଗ୍ରାମସ୍ଥିତ ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ବନବିଭାଗ ମାମଲା ନଂ.୯୫/୨୫-୨୬ରେ ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟକୁ ପଠାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି। ଗଜପତି ଜିଲା ଚନ୍ଦ୍ରଗିରି ରେଞ୍ଜର ରୂପକ କୁମାର ପ୍ରଧାନ, ଭୀଷ୍ମଗିରି ବନ ବିଭାଗ ସେକ୍ସନ ଫରେଷ୍ଟର ଦେବାଶିଷ ଶତପଥି, ଗିରିଜା ଶଙ୍କର ଦୋରା, ସରୋଜ ମଲ୍ଲିକଙ୍କ ନେତୃତ୍ୱରେ ବନ କର୍ମଚାରୀ ଚଢାଉ କରି ଶାଗୁଆନ କାଠ ବୋଝେଇ ଉକ୍ତ ଟ୍ରାକ୍ଟର(ନଂ. ଓଡ଼ି୦୭ ଏଏଫ୍- ୫୬୫୮) କୁ ଜବତ କରିଥିଲେ।

### ବସ୍‌କୁ ଧକ୍କାଦେଇ ଅଟୋ ଚାଳକ ଗୁରୁତର

ଦିଗପହଣ୍ଡି, ୨।୩(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ଦିଗପହଣ୍ଡି ନୂଆ ବସଷ୍ଟାଣ୍ଡ ସମ୍ମୁଖରେ ସୋମବାର ଅପରାହ୍ନ ୪ଟାରେ ନୀଳକଣ୍ଠ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ (ଓଡ଼ି୦୭-୩୭୧୦) ସହ ଏକ ଯାତ୍ରୀବାହୀ ଅଟୋ (ଓଡ଼ି୦୭ ଟି -୪୧୬୫) ଧକ୍କା ହୋଇଛି। ଫଳରେ ଅଟୋ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଦିଗପହଣ୍ଡିର କୃଷ୍ଣ ଗୌଡ଼। ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବସ୍‌ଟି ବସଷ୍ଟାଣ୍ଡ ନିକଟରେ ରହିଥିଲା, ଯାତ୍ରୀମାନେ ବସ୍‌ରୁ ଓହ୍ଲାଉ ଥିଲେ। ଏହି ସମୟରେ ପଛରୁ ଆସୁଥିବା ଅଟୋ ନିୟନ୍ତ୍ରଣ ହରାଇ ବସ୍‌ର ପଛ ପଟକୁ ଧକ୍କା ଦେଇଥିଲା। ଚାଳକ ଗୁରୁତର ହେବା ସହ ଅଟୋର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଛି। ଦିଗପହଣ୍ଡି ପୋଲିସ ପହଞ୍ଚି ତଦନ୍ତ କରିଛି।

# ଅଟୋ ଦୁର୍ଘଟଣାଗ୍ରସ୍ତ, ୮ ମହିଳା ଆହତ

ବାଲିଗୁଡ଼ା, ୨।୩(ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡ଼ା ଥାନା ଅନ୍ତର୍ଗତ କୁଡକେଲକିଆ ନିକଟସ୍ଥ ଗଡମୁଣ୍ଡା ଘାଟିରେ ସୋମବାର ଅପରାହ୍ନରେ ଏକ ଅଟୋ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୮ଜଣ ମହିଳା ଆହତ ହୋଇଛନ୍ତି। ଦଡ଼କଙ୍ଗିଆ ଗ୍ରାମରୁ ଅଟୋରେ ୧୦ରୁ ୧୨ ଜଣ ମହିଳା ଡାକା ଗ୍ରାମରେ ରହୁଥିବା ନିଜ ସମ୍ପର୍କୀୟଙ୍କ ଘରକୁ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଯୋଗ ଦେବାକୁ ଯାଉଥିଲେ। ଡାକା ଗ୍ରାମ ପୂର୍ବରୁ କୁଡକେଲକିଆ ଗାଁ ନିକଟସ୍ଥ ଗଡମୁଣ୍ଡା ଘାଟିରେ ଏକ ବୁଲାଣି ରାସ୍ତାରେ ଅଟୋଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ଡାକା ଗ୍ରାମରେ ଅବସ୍ଥାପିତ ବିଏସ୍ଏଫ୍ କ୍ୟାମ୍ପର ଯବାନମାନେ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଆହତଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ଅଛି। ସମସ୍ତ ଆହତ ବାଲିଗୁଡା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

# ମିଳିତ ଜନ ଅଭିଯୋଗ ଶୁଣାଣି
## ୧୪ ଅଭିଯୋଗର ତ୍ୱରିତ ସମାଧାନ ହେଲା

ଭଞ୍ଜନଗର, ୨।୩(ବାବୁଲା ପ୍ରଧାନ) ଗଞ୍ଜାମ ଜିଲା ଭଞ୍ଜନଗର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଭଞ୍ଜନଗର ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ସୁନୀଲ କେରକେଟା, ଉପ ଜିଲାପାଳ ଉମାଶଙ୍କର ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ ଦେ ଯୋଗଦେଇ ୯୭ଟି ଅଭିଯୋଗର ଶୁଣାଣି ପାଇଁ ଗ୍ରହଣ କରିଥିଲେ। ୧୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ଅନ୍ୟ ଅଭିଯୋଗର ସମାଧାନ ଖୁବଶୀଘ୍ର କରିବାକୁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ରେଡକ୍ରସ ପାଣ୍ଠିରୁ ୬ଜଣଙ୍କୁ ୪୭,୫୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ମା' ବାଙ୍କେଶ୍ୱରୀଙ୍କ ଡୁମ୍ବୁଲା ଯାତ୍ରା ଆରମ୍ଭ, ବହୁ ଶ୍ରଦ୍ଧାଳୁଙ୍କ ସମାଗମ

ଦିଗପହଣ୍ଡି, ୨।୩(ଅଶେଷ ନାଥ ମିଶ୍ର) ଦକ୍ଷିଣ ଓଡିଶାର ଆରାଧ୍ୟା ଦେବୀ ମା' ସିଦ୍ଧ ବାଙ୍କେଶ୍ୱରୀଙ୍କ ଡୁମ୍ବୁଳା ଯାତ୍ରା ସୋମବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ମଙ୍ଗଳବାର ଚନ୍ଦ୍ର ଗ୍ରହଣରେ ଦେବନୀତି ନିଷେଧ ଥିବାରୁ ଯାତ୍ରାର ଦିନକ ପୂର୍ବରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ରାତିରୁ ରାଜାଗ୍ନି ପୂଜା ମାଧ୍ୟମରେ ଆରମ୍ଭ ହୋଇଛି। ମନ୍ଦିର ନିକଟରେ ଥିବା ବାଙ୍କେଶ୍ୱରୀ ବାଉଁଶ କୁଦରେ ପ୍ରଥମେ ଗୁଆ,ଅରୁଆ ଚାଉଳ,ଫଗୁ,ସିନ୍ଦୂର ଲଗାଇ ଫୁଲମଣ୍ଡାକୁ ପୂଜା କରାଯାଇ ମା'ଙ୍କୁ ଆବାହନ କରାଯାଇଥିଲା। ପୂର୍ବ ପ୍ରଚଳିତ ନୀତି ଅନୁଯାୟୀ ମା'ଙ୍କୁ ସେବା ପୂଜା ମଣୋହି କରାଯିବା ପରେ ମୁଖ୍ୟ ସେବାୟତ ଡୁବ ଘାସ (ଏକପ୍ରକାର ଜଙ୍ଗଲ ଘାସ) ସହ କଞ୍ଚା କାଠକୁ ବାରମ୍ବାର ଘସି ସେଥିରୁ ଅଗ୍ନି ଉତ୍ପନ୍ନ କରାଇ ସେଠାରେ ପୂର୍ବରୁ ରଖା ଯାଇଥିବା କାଠ ଗଦାରେ ସଂଯୋଗ କରିବେ। କାଠସବୁ ଜଳିଯିବା



ପରେ ପାଉଁଶକୁ ୪ ଭାଗ କରି ଫୁଲମଣ୍ଡାର ଚତୁର୍ଦ୍ଦିଗରେ ସ୍ଥାପନା କରାଯାଇ ଦେବୀଙ୍କ ଚଳନ୍ତି ପ୍ରତିମାକୁ ବାଦ୍ୟ ବାଜଣାରେ ମନ୍ଦିରକୁ ପାଛୋଟି ନିଆଯିବ। ମା'ଙ୍କ ସିଂହାସନ ବିଜେ ପରେ ମନ୍ଦିର ଜଗମୋହନରେ ହୋମ, ଚଣ୍ଡୀପାଠ ହେବ। ନିଶାର୍ଦ୍ଧରେ ସ୍ୱତନ୍ତ୍ର ଶଙ୍ଖୁଡ଼ି ଆମିଷ ଭୋଗ ମା' ଅର୍ପଣ କରାଯିବା ପରେ ଯାତ୍ରା ନିମନ୍ତେ ମା'ଙ୍କ ଆଜ୍ଞାମାଳ ଖସିବ। ମନ୍ଦିର ସାହାଣ ମେଲା କରାଯିବା ପରେ ଭକ୍ତ ମାନେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ଏହି ଯାତ୍ରା ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ଯାତ୍ରା ପାଇଁ ରାଜ୍ୟ ସମେତ ପଡୋଶୀ ଆନ୍ଧ୍ର,ତେଲେଙ୍ଗାନା,ଛତିଶଗଡ଼, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗ ର ବିଭିନ୍ନ କୋଣ ଅନୁକୋଣରୁ ସହସ୍ରାଧିକ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ବହୁ ସଂଖ୍ୟକ ମାନସିକଧାରୀ ସେମାନଙ୍କ ଲଣ୍ଡା କରି ପୂଜାର୍ଚ୍ଚନା କରୁଛନ୍ତି। ଯାତ୍ରାରେ ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ଅତିରିକ୍ତ ଏସପି କୈଳାସ ଚନ୍ଦ୍ର ବୁରୁଦା, ଡିଏସପି ପ୍ରଶାନ୍ତ କୁମାର ପାତ୍ର ଏବଂ ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲଙ୍କ ନେତୃତ୍ୱରେ ୪ ଜଣ ଇନ୍ସପେକ୍ଟର, ୮ ଏସଆଇ,୨୯ ଏଏସଆଇ, ୬୮ କନଷ୍ଟେବଲ, ୭୮ ହୋମଗାର୍ଡ ସମେତ ୧ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ଅଛନ୍ତି । ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ନିୟୋଜିତ ରହିଛନ୍ତି ।

# ଚିନିଶିଳ୍ପର ୬୩ତମ ଆଖୁପେଡ଼ା ସରିଲା

ଆସିକା, ୨।୩(ସୁରେନ୍ଦ୍ର ନାଥ ସାହୁ): ଆସିକା ସମବାୟ ଚିନିଶିଳ୍ପର ଚଳିତବର୍ଷର ଆଖୁପେଡ଼ା ସୋମବାର ସକାଳେ ସରିଛି। ଗତ ଜାନୁଆରୀ ୩୦ରୁ ଆରମ୍ଭ ହୋଇଥିବା ଚିନିଶିଳ୍ପର ୬୩ତମ ଆଖୁପେଡାରେ ଏହି ଶିଳ୍ପ ୨୧ହଜାର ୧୦୬ ମେଟ୍ରିକ ଟନ ଆଖୁ ପେଡିଥିଲା ବେଳେ ଅଦ୍ୟାବଧି ୯ହଜାର କୁଇଣ୍ଟାଲ ଚିନି ଉତ୍ପାଦିତ ହୋଇଛି। ତେବେ ଆଉ ୨ଦିନ ଯାଏଁ ଚିନି ଉତ୍ପାଦନ ହେବ ବୋଲି କୁହାଯାଉଛି । ଏହି ବର୍ଷ ଚିନିଶିଳ୍ପ ପକ୍ଷରୁ ୨୫ ହଜାର ମେଟ୍ରିକ ଟନ ଆଖୁ ପେଡାଯିବ ବୋଲି ଆଶା ରଖାଯାଇଥିଲା । ଏଭଳି ସ୍ଥିତିରେ ଆଖୁଚାଷୀଙ୍କ ମଧ୍ୟରେ ଆଖୁଚାଷ ଲାଗି ଅଧିକ ଉତ୍ସାହ ସୃଷ୍ଟି ପୂର୍ବକ ଆଖୁଚାଷର ପରିମାଣ ବୃଦ୍ଧି ଲାଗି କାରଖାନା ପକ୍ଷରୁ ପ୍ରୟାସ ଜାରି ରହିଛି।

# ୨ ରାସ୍ତାର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ


ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମନ୍ତ୍ରୀ।

ବୁଗୁଡ଼ା, ୨।୩(କାଳିଚରଣ ଦାଶ) ବୁଗୁଡ଼ା ସିନେମାହଲ୍ ଛକ ଓ ଗୋଳାବନ୍ଧ ଠାକୁରାଣୀଙ୍କ ମନ୍ଦିରରେ ୨ଟି ଗ୍ରାମ୍ୟ ରାସ୍ତାର ଉନ୍ନତୀକରଣ ପାଇଁ ସୋମବାର ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ବୁଗୁଡ଼ା ସିନେମାହଲ୍ ଛକରେ ବୁଗୁଡ଼ା ପୂର୍ତ୍ତ ବିଭାଗ ରାସ୍ତାଠାରୁ ଗୋଳାବନ୍ଧ, ସଙ୍କୁରୁ ଦେଇ ଭୋଗଡ଼ା ପର୍ଯ୍ୟନ୍ତ ପ୍ରାୟ ୧୨ କୋଟି ଟଙ୍କା ବିନିଯୋଗରେ ରାସ୍ତାର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ମନ୍ତ୍ରୀ ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୋଳାବନ୍ଧ ଠାକୁରାଣୀ ମନ୍ଦିରରେ ଗୋଳାବନ୍ଧଠାରୁ ଠଣାପଲି ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାର ଉନ୍ନତୀକରଣ ପାଇଁ ୪ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁଥିବା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବୁଗୁଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ସଞ୍ଜୀବ ପାତ୍ର, ନଗର ଭାଜପା ସଭାପତି କେଦାରନାଥ ମହାରଣା, ଠିକାଦାର ନୀଳମାଧବ ସାହୁ, ରବୀନ୍ଦ୍ର ନାଥ ପଣ୍ଡା, ସୁବ୍ରତ ପାତ୍ରଙ୍କ ସମେତ ଅନ୍ୟ ଭାଜପା କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଉପରେ ଥର୍ମାଲ ସେନ୍ସର ଡ୍ରୋନ୍, ତଳେ ସୁରକ୍ଷା କର୍ମୀଙ୍କ କୋମ୍ବିଂ

ଦାରିଙ୍ଗବାଡି, ୨ ।୩ (ଅରୁଣ ସାହୁ ) ଦାରିଙ୍ଗବାଡି ଥାନା ଅଞ୍ଚଳରେ ରହିଥିବା ଘଞ୍ଚ ଜଙ୍ଗଲରେ ପୋଲିସର ମୋଷ୍ଟ ୱାଣ୍ଟେଡ ମାଓବାଦୀ ନେତା ଶୁକ୍ରୁ ଲୁଚିଥିବା ସନ୍ଦେହରେ ରାଜ୍ୟ ଓ ଜିଲା ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି। କନ୍ଧମାଳ ଏସ୍‌ପି ହରିଶ ବିଶିଙ୍କ ନିର୍ଦ୍ଦେଶ ଓ ନେତୃତ୍ୱରେ ଉକ୍ତ ଥାନା ଅଞ୍ଚଳରେ ରହିଥିବା ଘଞ୍ଚ ଜଙ୍ଗଲରେ ପୋଲିସ ପକ୍ଷରୁ ବ୍ୟାପକ ଅପରେଶନ ଜାରି ରହିଛି। ଅନ୍ୟପକ୍ଷରେ ଦାରିଙ୍ଗବାଡି ଥାନାର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଅତ୍ୟାଧୁନିକ ଡ୍ରୋନ ତଥା ଥର୍ମାଲ ସେନ୍ସର ଡ୍ରୋନକୁ ବିଭିନ୍ନ ଜଙ୍ଗଲକୁ ପଠାଯାଉଛି। ଏଥି ସହ ସନ୍ଧାନୀ କୁକୁରର ସହାୟତା ସହ



**ମାଓବାଦୀ ନେତା ଶୁକ୍ରୁଙ୍କୁ ଧରପଗଡ ଅଭିଯାନ ଜାରି**

ଶତାଧିକ ସୁରକ୍ଷାକର୍ମୀ ଜଙ୍ଗଲ, ପାହାଡ଼ରେ ସର୍ଚ୍ଚ ଅପରେଶନ ଚଳାଇଛନ୍ତି। ଗତ ୩ ଦିନ ହେବ ଏପରି ଅପରେଶନ ଚାଲିଛି। ମୋଷ୍ଟ ୱାଣ୍ଟେଡ ଶୁକ୍ରୁଙ୍କୁ ପୋଲିସ ପକ୍ଷରୁ ଆତ୍ମ ସମର୍ପଣ ପାଇଁ ସୁଯୋଗ ପ୍ରଦାନ କରାଯାଉଥିଲେ ମଧ୍ୟ ଏହାକୁ ସେ ଗୁରୁତ୍ୱ ଦେଉନାହାନ୍ତି କି ଆତ୍ମସମର୍ପଣ କରୁନାହାନ୍ତି। ଏପରିକି କନ୍ଧମାଳ ଜିଲାରେ ରହିଥିବା ଅନ୍ୟ ମାଓବାଦୀମାନଙ୍କୁ ଶୁକ୍ରୁ ଆତ୍ମସମର୍ପଣ କରିବାକୁ ସୁଯୋଗ ଦେଉନାହାନ୍ତି।

# ହରିକୃଷ୍ଣପୁରରେ ଅହିର ପୋଡ଼ି, ନଗର ପରିକ୍ରମା

ଶେରଗଡ଼, ୨।୩(ସୂର୍ଯ୍ୟ ନାରାୟଣ ଦାଶ) ଶେରଗଡ଼ ନିକଟସ୍ଥ ହରିକୃଷ୍ଣପୁର ଗ୍ରାମରେ ଦୋଳପୂର୍ଣ୍ଣିମା ଅବସରରେ ସୋମବାର ଅହିରପୋଡି ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ବିମାନରେ ରାଧାକୃଷ୍ଣଙ୍କୁ ବସାଇ ଘଣ୍ଟ ମୃଦଙ୍ଗ ତାଳେ ତାଳେ ନୃତ୍ୟରେ ପ୍ରଥମେ ହରି କୃଷ୍ଣପୁର, ନୂଆଁସାହି ,ରାମଗିରି ଗ୍ରାମ ପରିକ୍ରମା କରାଯାଇଥିଲା। ଶେଷରେ ହରିକୃଷ୍ଣପୁର ଫେରିବା ବାଟରେ ଗ୍ରାମର ମୁଖ୍ୟ ରାସ୍ତାରେ ଅହିର ପୋଡ଼ି ପାଇଁ ଉଦ୍ଦିଷ୍ଟ ଜାଳେଣିକୁ ତିନିଥର ପରିକ୍ରମା କରି ଅଗ୍ନି ସଂଯୋଗ କରାଯାଇଥିଲା। ପରେ ଠାକୁରଙ୍କ ଧରି ଗ୍ରାମବାସୀ ଓ ସେବାୟତ ମନ୍ଦିରକୁ ଫେରିଥିଲେ। ଏହି ଅନନ୍ୟ ପରମ୍ପରା ଦେଖିବାକୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗ୍ରାମବାସୀ ଅପେକ୍ଷା କରିଥିଲେ।

# କୁରାଳ ସମାଜର ବାର୍ଷିକ ଉତ୍ସବ

ଧରାକୋଟ, ୨।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ତାଲୁକା କୁରାଳ ସମାଜର ବାର୍ଷିକ ଉତ୍ସବ ନିକଟସ୍ଥ ସିଙ୍ଗିପୁର ଗ୍ରାମ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ ଲଡ୍ଡୁ କିଶୋର ବେହେରା ଏଥିରେ ସଭାପତିତ୍ୱ କରିଥିଲା ବେଳେ କୁଳାଧିଶ ଭିକା ବେହେରା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଶିକ୍ଷକ ଶଙ୍କର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଘୁମୁସର ତାଲୁକାର ଅଶୋକ କୁମାର ବେହେରା, ସୋରଡା ତାଲୁକାର କେଦାରନାଥ ବେହେରା, ବଡଗଡ ତାଲୁକାର ଭିକାରୀ ଚରଣ ବେହେରା ପ୍ରମୁଖ ଉପସ୍ଥିତ ରହି ସମାଜର ଗରିମା ରକ୍ଷା କରିବା ସହ ପାରମ୍ପରିକ କାର୍ଯ୍ୟସବୁ ଶୃଙ୍ଖଳିତ ଭାବେ କରିବା ପାଇଁ ସହକର୍ମୀ ମାନଙ୍କୁ ଉପଦେଶ ଦେଇଥିଲେ। ପୁସ୍ତକ ସ୍ୱର୍ଣ୍ଣମୟୀ ଓଡ଼ିଶାକୁ କନିଷ୍ଠ ଯନ୍ତ୍ରୀ କାଳୁ ଚରଣ ବେହେରା ଉନ୍ମୋଚନ କରିଥିଲେ। ଜିତେନ୍ଦ୍ର ବେହେରା ସଂଯୋଜନା କରିଥିଲେ।

# କନକ ଦୁର୍ଗା ମନ୍ଦିର ପ୍ରତିଷ୍ଠା ସରିଲା

ଆର.ଉଦୟଗିରି, ୨।୩(ମନୋଜ କୁମାର ପାଢୀ) ଆର.ଉଦୟଗିରି ଗ୍ରାମ ନିକଟ ଘୋଡାକଣ ଘାଟିରେ ବିଜେ ମା' କନକ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସରିଛି। ୩ଦିନ ଧରି ଚାଲିଥିବା ମା'ଙ୍କ ଏହି ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୁରୋହିତ ଗୌର ଚନ୍ଦ୍ର ମିଶ୍ର, ଦିଲୀପ ଶତପଥୀ, ମିହିର ଦାସ ଶର୍ମା, ନୈତିଇ ମିଶ୍ର ଶ୍ରୀଧର ମିଶ୍ର, ଆଶିଷ ଦାସ ଓ ରଞ୍ଜନ ମିଶ୍ର ସମସ୍ତ କର୍ମ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ଜୁବନାଶ ସୁନ୍ଦରାୟ ପାତ୍ର ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ଆର.ଉଦୟଗିରି ଗ୍ରାମବାସୀ ସହଯୋଗ କରିଥିଲେ।

# ଅଣ୍ଡିରାଗଡ଼ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ

ମୋହନା, ୨।୩(ମନ୍ମଥ ମିଶ୍ର) ମୋହନା ବ୍ଲକ ଅନ୍ତର୍ଗତ ଅଣ୍ଡିରାଗଡ଼ ପ୍ରାଥମିକ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ଉତ୍ସବ ପାଳିତ ହୋଇଛି । ଏଥିରେ ସ୍ଥାନୀୟ ସରପଞ୍ଚ ଜୟସେନ ଶବର ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ପାଡ଼ିଗାଆଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ ଭୂୟାଁ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ନାୟକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ସମସ୍ୟା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟଟି ସ୍ଥାପିତ ହେବାର ଶହେ ବର୍ଷ ହୋଇଯାଇ ଥିଲେ ମଧ ବିଦ୍ୟାଳୟରେ ପାନୀୟ ଜଳ, ବିଦ୍ୟାଳୟ ପାଚେରି, ଖେଳପଡିଆ, ଶିକ୍ଷକ ଅଭାବ ଆଦି ଅନେକ ସମସ୍ୟା ରହିଛି। ବିଦ୍ୟାଳୟରେ ୫ଟି ଶ୍ରେଣୀକୁ ଦୁଇଜଣ ଶିକ୍ଷକ ଅଛନ୍ତି । ଏହି ଗ୍ରାମରେ ଅନେକ ଲୋକ ଉଚ୍ଚ ପଦପଦବୀରେ ଅଛନ୍ତି, ସେମାନେ ଉକ୍ତ ବିଦ୍ୟାଳୟର ଉନ୍ନତି ଦିଗରେ ଟିକେ ଧ୍ୟାନ ଦେବାକୁ ସରପଞ୍ଚ ଶବର ନିଜ ଅଭିଭାଷଣ ଅବସରରେ ନିବେଦନ କରିଛନ୍ତି । କାର୍ଯ୍ୟକ୍ରମକୁ ଶିକ୍ଷକ ମାଧବ ନାୟକ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସହକାରୀ ଶିକ୍ଷକ ରାଜେନ୍ଦ୍ର ନାୟକ ସହଯୋଗ କରିଥିଲେ ।

# ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ମୋହନା, ୨।୩(ମନ୍ମଥ ମିଶ୍ର): ମୋହନା ଥାନା ଅନ୍ତର୍ଗତ ତଲାସିଂ ଗ୍ରାମ ନିକଟ ରାଜ୍ୟ ରାଜପଥ ବୁଲାଣି ନିକଟ ଶଙ୍ଖରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲ୍ଲା କଂସାମାରୀ ଗ୍ରାମର ଜଗନ୍ନାଥ ଦୋରା ଓ ଶମ୍ଭୁ ଦୋରା। ଉଭୟଙ୍କୁ ଆମ୍ବୁଲାନ୍ସରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ଜିତେନ୍ଦ୍ର ଦାଶ ପ୍ରାଥମିକ ଚିକିତ୍ସା କରିବା ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଜଗନ୍ନାଥ ଓ ଶମ୍ଭୁ ଏକ ବାଇକରେ ମହେନ୍ଦ୍ରଗିରି ବୁଲିବାକୁ ଯାଇ ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### ରାଜ୍ୟସ୍ତରୀୟ ବରିଷ୍ଠ ଖେଳାଳି ଫୁଟବଲ୍ ଟୁର୍ନାମେଣ୍ଟ
# ସୋନପୁରକୁ ହରାଇ ଭଞ୍ଜନଗର ଚାମ୍ପିୟନ

ଫୁଲବାଣୀ, ୨।୩(ରାକେଶ କୁମାର ରାଉତ) ଫୁଲବାଣୀ ସ୍ଥିତ କରୋନେଶନ ପଡ଼ିଆରେ ରାଜ୍ୟସ୍ତରୀୟ ବରିଷ୍ଠ ଖେଳାଳୀଙ୍କୁ ନେଇ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଭଞ୍ଜନଗର ଟିମ୍ ଗୋଟିଏ ଗୋଲରେ ସୋନପୁର ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ରାଜ୍ୟର ସମ୍ବଲପୁର, ସୋନପୁର, ବୌଦ୍ଧ, ଗଞ୍ଜାମ, କନ୍ଧମାଳ ଜିଲାର ୪୦ ବର୍ଷରୁ ଉର୍ଦ୍ଧ୍ୱ ଖେଳାଳୀ ଭାଗ ନେଇଥିଲେ। ସମସ୍ତ ଟିମ୍ ଉତ୍ତମ ପ୍ରଦର୍ଶନ କରିଥିଲେ। ପ୍ରତି ମ୍ୟାଚ୍ ଶେଷରେ ଉତ୍ତମ ଖେଳାଳୀ ଚୟନ କରାଯାଇ ପୁରସ୍କୃତ କରାଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ସମୀର ନାୟକ ଏବଂ ଅନ୍ୟ ଅତିଥିମାନେ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଫୁଲବାଣୀ ଫୁଟବଲ ଆସୋସିଏଶନ ସଭାପତି ଦେବେନ୍ଦ୍ର କହଁରଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଭେଟେରାନ ଖେଳାଳୀ ବାସୁଦେବ ବେହେରା, ନାରାୟଣ ସାହୁ, ଅଭିରାମ ମହାନ୍ତି, ଅଶୋକ ପଟ୍ଟନାୟକ, ହାଲୋର ନାୟକ, କେ.ଏଫ୍ ଦାସ, କ୍ରିଷ୍ଣା ରାଓ, ବିପିନ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ଜଳନ୍ଧର ବେହେରା, ବିରେନ୍ଦ୍ର କହଁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ରାସ୍ତା ମରାମତି ଦାବି ନେଇ ଆନ୍ଦୋଳନ

ଦାରିଙ୍ଗବାଡ଼ି, ୨।୩(ଅରୁଣ ସାହୁ) ଦାରିଙ୍ଗବାଡ଼ି ବ୍ଲକ୍‌ର ଦୁର୍ଗମ ଅଞ୍ଚଳରେ ରହିଥିବା ସିର୍କାବର୍ଗ ପଞ୍ଚାୟତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ୫ ବର୍ଷ ପୂର୍ବରୁ ଉକ୍ତ ରାସ୍ତା ସମ୍ପ୍ରସାରଣ ହୋଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଛି। ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ସମେତ ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନକୁ ଜଣାଇବା ପରେ ମଧ୍ୟ ସୁଫଳ ମିଳି ନ ଥିବାରୁ ସୋମବାର ସିର୍କାବର୍ଗ ପଞ୍ଚାୟତର ଶତାଧିକ ମହିଳା ପୁରୁଷ ବଡାଙ୍ଗିଆ ଗ୍ରାମରେ ରାସ୍ତା ଅବରୋଧ କରିଥିଲେ। କିଛି ସମୟ ଗାଡ଼ିମୋଟର ଅଟକି ରହିଥିଲା। ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟରେ ବିଳମ୍ବରେ



ପହଞ୍ଚିଥିଲେ। ଖବରପାଇ ଦାରିଙ୍ଗବାଡ଼ି ତହସିଲଦାର ଧୀରଜ ପାତ୍ର, ଆଇଆଇସି ସଂଗ୍ରାମ କେଶରୀ ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ସିଂ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପଞ୍ଚାୟତବାସୀ ଲିଖିତ ପ୍ରତିଶ୍ରୁତି ପାଇଁ ଅଡ଼ି ବସିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ଆସନ୍ତା ୨୦ରୁ ଏହି କାର୍ଯ୍ୟ ଆରମ୍ଭ ହେବ ଲିଖିତ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ହଟିଛି। ପ୍ରକାଶ ଯେ, ସିର୍କାବର୍ଗ ପଞ୍ଚାୟତଠାରୁ ଦନେକବାଡ଼ି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ତୁରନ୍ତ ମରାମତି ଦାବି ସମେତ ବସୁଧା ଯୋଜନାରେ ପାଣି ଯୋଗାଣ, ୫ଜି ନେଟ୍‌ୱର୍କ ସ୍ଥାପନ, ସରକାରୀ ବସ୍ ଦିନକୁ ୪ଥର ଚଳାଚଳ କରାଯିବା ଦାବି କରିଥିଲେ। ମୁଖ୍ୟ ଦାବି ଥିଲା ରାସ୍ତା ସମ୍ପ୍ରସାରଣ ଓ ମରାମତି। ଲଗାତର ଏକ ବର୍ଷ ଧରି ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ହେଉଥିଲା। କେହି ନ ଶୁଣିବାରୁ ଆନ୍ଦୋଳନ ହୋଇଥିବା ସରପଞ୍ଚ ଚିରଞ୍ଜୀବୀ ପ୍ରଧାନ, ସମିତିସଭ୍ୟ ଶ୍ୟାମଘନ ପ୍ରଧାନ, ନାଏବ ସରପଞ୍ଚ ମାନିନୀ ପ୍ରଧାନ, କୈଳାସ ବଳିୟାରସିଂ, କାଳୀ ବଳିୟାରସିଂ ପ୍ରମୁଖ କହିଛନ୍ତି।

**ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ**

# ଉଦ୍ୟୋଗପତିଙ୍କ ଅଭିଯୋଗ ଶୁଣିଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

ବ୍ରହ୍ମପୁର,୨।୩(ଅଶୋକ କୁମାର ସାହୁ) ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଙ୍କ ସମ୍ମିଳନୀ କକ୍ଷରେ ସୋମବାର ଏକ ଅଭିଯୋଗ ଶୁଣାଣୀ ହୋଇଥିଲା। ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୁଣାଣୀରେ ରାଜ୍ୟ ଇଡକୋ ଚେୟାରମ୍ୟାନ ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇଥିଲେ। ଶିଳ୍ପାଞ୍ଚଳ ଓ ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ଚାହୁଁଛନ୍ତି। ବିଶେଷ କରି ଗଞ୍ଜାମର ଶିଳ୍ପ ଭିତ୍ତିଭୂମି କିଭଳି ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଗଞ୍ଜାମରେ ଆଙ୍କୁଲି ଶିଳ୍ପାଞ୍ଚଳ ରହିଛି, ଅଟୋନଗର ରହିଛି, ବରପାଲି ଶିଳ୍ପାଞ୍ଚଳ ରହିଛି। ବିଶେଷ କରି ଇଡକୋର ଯେତେ ଜମି ରହିଛି ସେଥିରୁ କେତେ ଅବ୍ୟବହୃତ ହୋଇ ପଡିରହିଛି ସେଥି ଉପରେ ଅନେକ ଉଦ୍ୟୋଗପତି ଜଣାଇଥିଲେ। ସେଗୁଡିକର ତାଲିକା ଦେବାକୁ ଇଡକୋର ଭାରପ୍ରାପ୍ତ ପରିଚାଳକଙ୍କୁ ପରାମର୍ଶ ଦେଇଥିଲେ। ଅନେକ ଅବ୍ୟବହୃତ ସେଡ ପଡି ରହିଛି। ସେଗୁଡିକ ଦୀର୍ଘ ଦିନ ହେଲା ପଡି ରହିଥିବାରୁ ଇଡକୋ କ୍ଷତି ସହୁଛି।



ତେଣୁ ଅନ୍ୟ କାହାକୁ ସେଗୁଡିକ ଦେଲେ ଗଞ୍ଜାମରେ ଶିଳ୍ପ ଅଭିବୃଦ୍ଧି ହୋଇପାରନ୍ତା ବୋଲି ଉଦ୍ୟୋଗପତିମାନେ କହିଥିଲେ। ତାହା ଉପରେ ବିଚାର କରି ପଦକ୍ଷେପ ନିଆଯିବ ବୋଲି ସଚିବ ପାଢ଼ୀ କହିଛନ୍ତି। ଓଡ଼ିଶା କାଜୁ ଆସୋସିଏଶନର ପୂର୍ବତନ ସଭାପତି ତଥା ବର୍ତ୍ତମାନ ଗଞ୍ଜାମ ଜିଲା କାଜୁ ଆସୋସିଏଶନର ଉପଦେଷ୍ଟା ରାଜେନ୍ଦ୍ର ସାବତ କହିଥିଲେ ଯେ, ଓଡିଶାରୁ ମୋଟ ୪ ଲକ୍ଷ ମେଟ୍ରିକ ଟନ କାଜୁ ଉତ୍ପାଦନ ହେଉଛି। ସେଥିରୁ ଗଞ୍ଜାମର ଅଧା ଭାଗ ରହିଛି। ଅର୍ଥାତ ୨ ଲକ୍ଷ ମେଟ୍ରିକ ଟନ କାଜୁ ଉତ୍ପାଦନ ହେଉଛି। ବହୁ ମହିଳାଙ୍କୁ ସେଥିରେ ନିଯୁକ୍ତ କରାଯାଇ ସେମାନଙ୍କୁ ସଶକ୍ତ କରାଯାଇଛି। କିନ୍ତୁ ସେଭଳି ଭିତ୍ତିଭୂମି ସୁଦୃଢ଼ ନାହିଁ। ଏଠାରେ କଞ୍ଚାମାଲ ମିଳୁନାହିଁ। ଆଫ୍ରିକାରୁ କଞ୍ଚାମାଲ ଆଣିବାକୁ ପଡୁଛି। କିନ୍ତୁ ଇଡକୋର ବହୁ ଜମି ରହିଛି ସେଠାରେ କାଜୁ ପ୍ଲାଣ୍ଟେସନ କରାଗଲେ ଭଲ ହୁଅନ୍ତା। ଅନେକ ସରକାରୀ ଜମି ବି ରହିଛି। ସେଠାରେ ବି କାଜୁ ପ୍ଲାଣ୍ଟେସନ କରାଗଲେ ଭଲ ହେବ। କାରଣ ଗଞ୍ଜାମର କାଜୁ ବିଦେଶ ଯାଉଛି। କାଜୁ ଆମଦାନୀ କରିବାକୁ ବହୁତ କଷ୍ଟ ହେଉଛି। ବିଶାଖାପାଟଣା ଓ ପାରାଦୀପରୁ ଆମଦାନୀ କରିବାକୁ ପଡୁଛି। ଗୋପାଳପୁରରେ ବନ୍ଦର ଥାଇ ଆମେ ଅନ୍ୟ ରାଜ୍ୟର ବନ୍ଦର ଉପରେ ନିର୍ଭର କରିବାକୁ ପଡୁଛି। ତେଣୁ କାଜୁ ଚାଷ କରିବାକୁ ଚାଷୀଙ୍କୁ ସଚେତନ କରାଯାଉ। ଗୋଟିଏ ଏକରରେ ୮୦ ଗଛ ଲାଗିବ। ଗୋଟିଏ ଗଛରୁ ୨୫ରୁ ୩୦ କେଜି କାଜୁ ଆଦାୟ ହେବ। ଯେଉଁଠି ଗଛ ଲାଗିଛି ବୋଲି କୁହାଯାଉଛି ସେଠି ଗଛ ନାହିଁ। ଗୋଟିଏ କିମ୍ବା ଦୁଇଟି ଗଛ ରହିଛି। କେଜି ୧୮୦ ଟଙ୍କା ରହିଛି। ତେବେ ଏହାକୁ ହିସାବକୁ ନେଲେ ଗୋଟିଏ ଏକରରୁ ବହୁ ଅର୍ଥ ଆଦାୟ ହେବ। ଏହା ଏକ ଲମ୍ବା ଯୋଜନା। ବରପାଲିରେ ଇଣ୍ଡଷ୍ଟ୍ରିଆଲ ପାର୍କ ରହିଛି। ସେଠାରେ କେବଳ କାଜୁ ପାଇଁ କିଛି ସ୍ୱତନ୍ତ୍ର ଜାଗା ଦିଆଯାଉ। ଗୋଟିଏ ଗୋଟିଏ ଫ୍ୟାକ୍ଟ୍ରି ପାଇଁ ଏକରରୁ ଦୁଇ ଏକର ଜାଗା ଦରକାର। କେବଳ ଗଣ୍ଡଳାରେ ୬ଟି କମ୍ପାନୀ ରହିଛି। ଭାରତରେ ଯେତେ କାଜୁ ଉତ୍ପାଦନ ହେଉଛି ତାହାର ୧୦ ପ୍ରତିଶତ ଗଞ୍ଜାମରୁ ଉତ୍ପାଦନ ହେଉଛି। ତେଣୁ ଏଥିପାଇଁ ସରକାରୀ ସୁବିଧା ରହିଲେ ଗଞ୍ଜାମ ଭବିଷ୍ୟତରେ ଏକ କାଜୁ ହବ ହୋଇପାରିବ ବୋଲି ସେ କହିଥିଲେ। ଏହି ସମସ୍ୟା ଶୁଣିବା ପରେ ଉଷା ପାଢ଼ୀ କହିଥିଲେ ଯେ, ଏହା ଏକ ଦୀର୍ଘକାଳୀନ ଯୋଜନା। ସମ୍ପୃକ୍ତ ବିଭାଗ ସହିତ ଆଲୋଚନା କରି ଖୁବଶୀଘ୍ର ପଦକ୍ଷେପ ନିଆଯିବ। ପରେ ପରେ ବିଡିଏ ଓ ବିଏମସିର ହୋଇଥିବା ଓ ହେବାକୁ ଥିବା ପ୍ରୋଜେକ୍ଟଗୁଡିକୁ ଦେଖିଥିଲେ। ଭବିଷ୍ୟତରେ କିଭଳି ସେଗୁଡିକର ବିକାଶ ହେବ ସେଥିନେଇ ସରକାରୀ ସ୍ତରରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ବୈଠକରେ ବିଡିଏ ସେକ୍ରେଟାରୀ ରମେଶ ହାଁସଦା, ଇଡକୋର ଭାରପ୍ରାପ୍ତ ପରିଚାଳକ ସ୍ମରଣିକା ପାଣିଗ୍ରାହୀ, ଇଡକୋର ମୁଖ୍ୟାଳୟରୁ ଆସିଥିବା ମୀନାକ୍ଷୀ ରାଉତ ଓ ବିଡିଏ କର୍ମଚାରୀ ଉପସ୍ଥିତ ଥିଲେ।

# ଯୁବକଙ୍କ ଗୋଡ଼କୁ ଗୁଳି

## ମୁହଁ ଖୋଲୁନାହାନ୍ତି ଗ୍ରାମବାସୀ



ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ସାଗର ବେହେରା।

ପୁରୁଷୋତ୍ତମପୁର,୨।୩(ସବିତା ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅରଖପୁର ଗ୍ରାମରେ ସୋମବାର ଗୁଳିକାଣ୍ଡ ଘଟିଛି। ଗ୍ରାମର ସାଗର ବେହେରା ନାମକ ଜଣେ ଯୁବକ ସକାଳେ ଶୌଚ ପାଇଁ ଗାଁ ପୋଖରୀକୁ ଯାଉଥିଲେ। ରାସ୍ତାରେ ଶୁଣ୍ଠିବାଙ୍କଠାରେ ମୁଖା ପିନ୍ଧିଥିବା ୨ଜଣ ଦୁର୍ବୃତ୍ତ ଚାଲି ଚାଲି ଆସି ତାଙ୍କ ଗୋଡ଼କୁ ଗୁଳି କରି ପଳାଇଥିବା ସାଗର କହିଛନ୍ତି। ସେ ବର୍ତ୍ତମାନ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ଗ୍ରାମର କେହି ବି ଏ ବିଷୟରେ ଜାଣି ନ ଥିବା କହିଛନ୍ତି। ପ୍ରକୃତରେ ସେମାନେ ଜାଣି ନାହାନ୍ତି ନା ଗୁଳିକାଣ୍ଡ ଭିଆଇଥିବା ବ୍ୟକ୍ତିଙ୍କୁ ଭୟ କରି ମୁହଁ ଖୋଲୁନାହାନ୍ତି ତାହା ସନ୍ଦେହଘେରକୁ ଆସିଛି । ଗୁଳିକାଣ୍ଡ ଘଟିଥିବା ଶୁଣି ଥାନା ଆଇଆଇସି କୁଳମଣି ସେଠୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ଯାଇ ଆହତ ସାଗରଙ୍କୁ ଭେଟିଥିଲେ। ସେ ଘଟଣା ବିଷୟରେ ଜଣାଇବା ସହ ସେଠାରେ ଆଇଆଇସିଙ୍କୁ ଲିଖିତ ଏତଲା ଦେଇଥିଲେ। ଏ ନେଇ ପୁରୁଷୋତ୍ତମପୁର ଥାନାରେ ନଂ.୧୪୨/୨୬ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

# ଇରାନ୍ ଉପରେ ଆକ୍ରମଣ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରତିବାଦ ସଭା

ବ୍ରହ୍ମପୁର,୨।୩(ସୁବାସ ଚନ୍ଦ୍ର ପାଢ଼ୀ): ଇରାନ ଉପରେ ଇସ୍ରାଏଲର ଆକ୍ରମଣକୁ ଏସୟୁସିଆଇ (କମ୍ୟୁନିଷ୍ଟ) ବିରୋଧ କରିଛି। ପ୍ରତିରକ୍ଷାମୂଳକ ଆକ୍ରମଣ ନାମରେ ଆକ୍ରମଣ କରି ହଜାର ହଜାର ଇରାନ ବାସିଙ୍କୁ ହତ୍ୟାକରିବାକୁ ଦଳ ପକ୍ଷରୁ ନିନ୍ଦା କରାଯାଇଛି। ଏନେଇ ଏକ ବିକ୍ଷୋଭ ସଭା କମାପଲ୍ଲୀ ଛକରେ ହୋଇଥିଲା। ଭାରତର ପ୍ରଧାନମନ୍ତ୍ରୀ ଇସ୍ରାଏଲ ଗସ୍ତ କରି ଇସ୍ରାଏଲକୁ ସନ୍ତ୍ରାସବାଦର ବିରୋଧରେ ଧର୍ମ ଯୋଦ୍ଧା ବୋଲି ଆଖ୍ୟାୟୀତ କରି ଫେରିବା ପରେ ଇସ୍ରାଏଲ ଏହି ବର୍ବର ଆକ୍ରମଣ କରିଛି । ଏହି ଆକ୍ରମଣ ପଛରେ ସାମ୍ରାଜ୍ୟବାଦୀ ଆମେରିକା ରହିଛି ଓ ସାରା ମଧ୍ୟ ପ୍ରାଚ୍ୟ ଓ ଲାଟିନ ଆମେରିକାରେ ଥିବା ତୈଳ ସମ୍ପଦଗୁଡିକୁ ଦଖଲ କରିବା ହେଉଛି ତାର ଅସଲ ଉଦ୍ଦେଶ୍ୟ । ଆମେରିକା ଏହା ପୂର୍ବରୁ ଇରାକ, ଲେବାନନ, ସିରିଆ, ପାଲେଷ୍ଟାଇନ, ଭେନେଜୁଏଲା ଆଦିଦେଶ ଉପରେ ଏହି ଭଳି ଘୃଣ୍ୟ ଆକ୍ରମଣ କରି ସେ ଦେଶ ଗୁଡିକୁ ଛାରଖାର କରିଛି ଓ ସେ ଦେଶର ଜନପ୍ରିୟ ନେତାମାନଙ୍କୁ ହତ୍ୟାକରିଛି । ତେଣୁ ଏହି ଆକ୍ରମଣ ବନ୍ଦ କରାଯାଉ ବୋଲି ଏସୟୁସିଆଇ(କମ୍ୟୁନିଷ୍ଟ) ଦାବି କରିଛି। ପ୍ରତିବାଦ ସଭାରେ ଜିଲା ସମ୍ପାଦକ ସୋମନାଥ ବେହେରା ବକ୍ତବ୍ୟ ରଖିଥିଲେ। ନାରାୟଣ ସାହୁ,ପପୁନ ସାହୁ, କିସାନ ସାହୁ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଆର୍‌ଡିସିଙ୍କୁ ଅନୁସୂଚିତ ଜାତି ଓ ଜନଜାତି ମଞ୍ଚର ଦାବିପତ୍ର

ବ୍ରହ୍ମପୁର,୨।୩(ସୁବାସ ଚନ୍ଦ୍ର ପାଢ଼ୀ)

ଡ. ବି. ଆର୍. ଆମ୍ବେଡକର ଅନୁସୂଚିତ ଜାତି ଓ ଜନଜାତି ମହାନଗର ବିକାଶ ମଞ୍ଚ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛି। କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକରେ ବିଗତ ଦିନରେ ଘଟିଥିବା ଅଙ୍ଗନୱାଡି କର୍ମୀଙ୍କୁ ଜାତିଆଣ ଭେଦ ଭାବ ରଖ ସେହି ରୋଷେୟାଙ୍କ ଠାରୁ ରନ୍ଧା ଖାଦ୍ୟ ଗ୍ରହଣ ନ କରିବା ଘଟଣାକୁ ମଞ୍ଚ ଦୃଢ଼ ପ୍ରତିବାଦ କରୁଛି। ଭାରତ ଭଳି ଧର୍ମ ନିରପେକ୍ଷ ଦେଶରେ ଏହା ଶୋଭନୀୟ ନୁହେଁ । ତେଣୁ ସରକାର କୌଣସି ଭେଦଭାବ ନ ରଖ କାର୍ଯ୍ୟ କରିବା ପାଇଁ ଅନୁରୋଧ




କରାଯାଇଛି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀ ମାନେ ଚାକିରି ନ ପାଇବା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ମାନଙ୍କୁ ବେକାରୀ ଭତ୍ତା ପ୍ରଦାନ କରିବା ନିମନ୍ତେ ଦାବି ହୋଇଛି। କାର୍ଯ୍ୟକ୍ରମରେ ସଂଘର ସଭାପତି ଭାସ୍କର ହାତୀ ଉପ ସଭାପତି ଅଶୋକ ନିମେଇ ସମେତ ସଂଗଠନର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ।

# ବ୍ରହ୍ମପୁରକୁ ସ୍ୱତନ୍ତ୍ର ଜିଲା ପାଇଁ ବୈଠକ

ବ୍ରହ୍ମପୁର,୨।୩(ସୁବାସ ଚନ୍ଦ୍ର ପାଢ଼ୀ)

ରେଶମ ସହରକୁ ସ୍ୱତନ୍ତ୍ର ଜିଲା ପାଇଁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି କସରତ ଆରମ୍ଭ କରିଛି। ଏନେଇ ସଭାପତି ସଂଜୀବ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ବ୍ରଜନଗରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବ୍ରହ୍ମପୁରର ବିକାଶ ପାଇଁ କମିଟି ନେଇଥିବା ପଦକ୍ଷେପ, ଜିଲା ଗଠନ, ସ୍ୱୟଂଶାସିତ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ, କମିଶନରେଟ ପୋଲିସ, ବିଶ୍ୱସ୍ତରୀୟ ରେଲଷ୍ଟେଶନ, ବିମାନବନ୍ଦର, ବସ ଟର୍ମିନାଲ, ସୈନିକ ସ୍କୁଲ, ଏନଡିଏ ଶାଖା, ପ୍ରତିରକ୍ଷା ଶିଳ୍ପ କରିଡର, ଟେକ୍ସଟାଇଲ ପାର୍କ, ଏନଏଫଟି ପ୍ରତିଷ୍ଠାନ ଶାଖା, ଜାତୀୟ/ଅନ୍ତର୍ଜାତୀୟ ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ଏବଂ ଆଇଟି ମ୍ୟାନୁଫ୍ୟାକଚରିଂ ହବ ଗଠନ ଆଦି ବିଷୟରେ ଆଲୋଚନା ହୋଇଥିଲା। ବିଗତ ଦିନରେ ଅନ୍ୟାନ୍ୟ ଦାବି ନେଇ ଆର୍‌ଡିସିଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ଦିଆଯାଇଥିଲା। ଉପ ସଭାପତି ଦେବୀ ପ୍ରସାଦ ଦାସ,ବିଭି ସାଗର, ଜିତେନ୍ଦ୍ର ପାଢ଼ୀ, ଦିଗାମ୍ବର ସାମନ୍ତରାୟ, ଶ୍ରୀକାନ୍ତ ପଢ଼ିହାରି,କେ ସୁଦା ମ ପାତ୍ର,ସୁନିଲ ପାତ୍ର,ସି ଏଚ ରାମ କ୍ରିଷ୍ଣା ଦାସ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରାକ୍ ହୋଲି ମିଳନ



ପ୍ରାକ ହୋଲି ଉତ୍ସବରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨।୩(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜ ମଣ୍ଡପ ଠାରେ ସୋମବାର ହୋଲି ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇ ଶୁଭାରମ୍ଭ କରିବା ସହ ହୋଲି ପର୍ବ ଉତ୍ସବର ମହତ୍ୱ ଉପରେ ଆଲୋକପାତ କରିବା ସହ ଏହାକୁ ଜାରି ରଖିବାକୁ କହିଥିଲେ । ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ମଞ୍ଚସୀନ ଥିଲେ । ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠି ସ୍ୱାଗତ ଭାଷଣ ପ୍ରଦାନ କରି ହୋଲି ମିଳନ ଉତ୍ସବ ସମ୍ପର୍କରେ କହିଥିଲେ। ପରେ ଛାତ୍ରୀଛାତ୍ର ଓ ଶିକ୍ଷକ,ଅଣ ଶିକ୍ଷକ କର୍ମଚାରୀ ମାନେ ନିଜ ନିଜ ଭିତରେ ଫଗୁ ଲଗାଇ,ମିଠା ବଣ୍ଟନ କରିଥିଲେ। କଣ୍ଠଶିଳ୍ପୀ ସଂଗୀତା ପାଢ଼ୀ ଏବଂ ସଞ୍ଜୟ ପାଢ଼ୀ ତଥା ଛାତ୍ରୀଛାତ୍ର ମାନେ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଅର୍ଥ ବିତ୍ତରକ ଅଶୋକ ଧାଙ୍ଗ ପରୀକ୍ଷା ନିୟନ୍ତ୍ରକ ଗଣେଶ୍ୱର ମାଝୀ, ଯୁଗ୍ମ କୁଳସଚିବ ଡ. ବାବୁଜି ସାମଲ, ସହ କୁଳସଚିବ ସରୋଜ କୁମାର ଦାଶଙ୍କ ସମେତ ବହୁ ଅଧ୍ୟାପକ,ଅଧ୍ୟାପିକା ଏବଂ ଛାତ୍ର,ଛାତ୍ରୀ ଯୋଗ ଦେଇଥିଲେ । ଛାତ୍ର ସଓ୍ଙ୍ଗି ସୁନ୍ଦର ଶ୍ରୀୟା ମଞ୍ଚ ପରିଚାଳନା କରିଥିବା ବେଳେ ଡ. ମିହିର କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ନିଛାଟିଆ ସ୍ଥାନରେ ଯାତ୍ରୀ ବିଶ୍ରାମାଗାର, ବଣିକ ସଂଘର ଅସନ୍ତୋଷ

ଗଞ୍ଜାମ,୨।୩(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ସାନବଜାରଠାରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଯାତ୍ରୀବାହୀ ଅଟୋ ସଂଘ ଓ ମା' ନାରାୟଣୀ ବଣିକ ସଂଘ ପକ୍ଷରୁ ବହୁ ଦିନରୁ ଦାବି ହୋଇ ଆସୁଥିଲା। ବିଭିନ୍ନ ସଙ୍ଗଠନର ଦାବି ପରେ ଏନଏସି ପ୍ରଶାସନ ପକ୍ଷରୁ ପୂର୍ବରୁ ଥିବା ମାଛ ମାର୍କେଟ ତଥା କଲେଜ ରୋଡ଼ ପାର୍ଶ୍ୱରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କାର୍ଯ୍ୟ ଚାଲିଛି। ଯେଉଁଠି ବିଶ୍ରାମାଗାର ନିର୍ମାଣ ହେବାକୁ ଯାଉଛି ତାହା ଏକ ନିଛାଟିଆ ସ୍ଥାନ। ସେଠି ମହିଳା ଯାତ୍ରୀ କିଭଳି ସୁରକ୍ଷିତ ଭାବେ ବସ୍ ଓ ଅନ୍ୟ ଗାଡିକୁ ଅପେକ୍ଷା କରିବେ ସେନେଇ ପ୍ରଶ୍ନ ଉଠିଛି। ସେଠାରେ ୱାନ ୱେ ରୋଡ଼ ଏବଂ ଡିଭାଇଡର ରହିଛି। ଯଦିଓ ଭୁବନେଶ୍ୱର ପଟେ ଯିବାକୁ ଅପେକ୍ଷାରତ ଯାତ୍ରୀ ସୁବିଧାରେ ଗାଡି ଚଢିପାରିବେ ତେବେ ବ୍ରହ୍ମପୁର ଯିବାକୁ ଥିବା ଯାତ୍ରୀ ହଇରାଣ ହେବେ ବୋଲି ବଣିକ ସଂଘ ଅଭିଯୋଗ କରିଛି। ସେଠାରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହେଲେ ତାହା ନିଶା ସେବନକାରୀ ଓ ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳି ହେବ ବୋଲି ସଂଘ ସମ୍ପାଦକ ପ୍ରଭାତ କୁମାର ସାହୁ କହିଛନ୍ତି। ସାନ ବଜାର ଜନଗହଳିପୂର୍ଣ୍ଣ ସ୍ଥାନରେ ବିଶ୍ରାମାଗାର ନିର୍ମାଣ କରିବାକୁ ବିଭିନ୍ନ ସଂଘ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଓଭରବ୍ରିଜ୍ ଉପରୁ ଡେଇଁ ଯୁବକଙ୍କ ମୃତ୍ୟୁ

ଗୋପାଳପୁର, ୨।୩(ନବୀନ ରାଜ ଆଚାରୀ) ବ୍ରହ୍ମପୁର ଖୋଡାସିଂ ଓଭରବ୍ରିଜ ଉପରୁ ତଳକୁ ଡ଼େଇଁ ଜଣେ ଯୁବକ ସୋମବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୋରଡ଼ା ଥାନା ଅଞ୍ଚଳର ଜୋହନ ନାୟକ(୧୯)। ସୋମବାର ସନ୍ଧ୍ୟା ସାଢେ ୬ଟାରେ ଜୋହନ ଆମ୍ବପୁଆରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ବେଳେ କୌଣସି କାରଣରୁ ସେ ଖୋଡାସିଂ ଓଭର ବ୍ରିଜ୍‌ଠାରେ ସେ ହଠାତ୍ ବ୍ରିଜ୍ ଉପରୁ ତଳକୁ ଡେଇଁ ପଡ଼ିଥିଲେ । ସ୍ଥାନୀୟ ଲୋକେ ଏହା ଦେଖି ଗୋପାଳପୁର ପୋଲିସକୁ ଖବର ଦେଇଥିଲେ । ପୋଲିସ ଗୁରୁତର ଅବସ୍ଥାରେ ଜୋହନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲ ନେଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ବନ ବିଭାଗ କାର୍ଯ୍ୟାଳୟ ପଛ ଜଙ୍ଗଲରେ ନିଆଁ

ଖଜୁରିପଡ଼ା,୨।୩ (ବିଦୁର ବେହେରା)



ଖଜୁରିପଡ଼ା ବନ ବିଭାଗ କାର୍ଯ୍ୟପଛପାଖ ଜଙ୍ଗଲରେ ସୋମବାର ସନ୍ଧ୍ୟାରେ ନିଆଁ ଲାଗିଛି। ବନ କର୍ମଚାରୀଙ୍କ ଅବହେଳା ଯୋଗୁ ଜଙ୍ଗଲ ନିଆଁ ଲିଭାଇବାରେ ବିଳମ୍ବ ହେଉଛି ବୋଲି ସମାଜିକର୍କମୀ ବିକାଶ ଅଭିଯୋଗ କରିଛନ୍ତି। ଏହି ଜଙ୍ଗଲ ନିକଟରେ ଘର ଗୁଡ଼ିକ ରହିଛି। ତୁରନ୍ତ ନିଆଁକୁ ଆୟତ୍ତ କରା ନ ଗଲେ ବିପଦ ରହୁଥିବା ପ୍ରକାଶ କରିଛନ୍ତି। ଗ୍ରୀଷ୍ମ ଆରମ୍ଭରୁ ହିଁ ଜଙ୍ଗଲ ଜଳିବା ଆରମ୍ଭ ହେଲାଣି। ଯଦି ଏବେଠୁ ବନ ବିଭାଗ ସଚେତନା କରିବା ସହିତ ପଦକ୍ଷେପ ଗ୍ରହଣ ନ କରେ ତେବେ ଜଙ୍ଗଲ ନଷ୍ଟ ହେବ। ଏନେଇ ଫରେଷ୍ଟର ପ୍ରତାପ ଜୁଣ୍ଡିଙ୍କୁ ଯୋଗଯୋଗ କରିଥିଲେ ବି ସମ୍ଭବ ହୋଇ ପାରିନାହିଁ।

# ରମ୍ଭାରେ ଫିଟ୍‌ନେସ୍ ସ୍କ୍ୱାରର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ରମ୍ଭା,୨।୩(ବନବାସୀ ସେଠୀ)

ଗଞ୍ଜାମ ଜିଲାସ୍ତରୀୟ ରମ୍ଭା ଫିଟ୍‌ନେସ୍ ସ୍କ୍ୱାରଠାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଆସନ୍ତା ଯୁବପୀଢ଼ିଙ୍କୁ ବ୍ୟାୟାମ, ବଡି ବିଲଡିଂ କରି ସୁନ୍ଦର ସ୍ୱାସ୍ଥ୍ୟ କରିବା ଏବଂ ସାହସୀ ହୋଇ ରହିବାପାଇଁ ଯୁବପିଢିଙ୍କୁ କହିଥିଲେ। କାର୍ଯ୍ୟକ୍ରମକୁ ଫିଟନେଶ ସ୍କ୍ୱାର ସଂଗଠକ ତପନ କୁମାର ପ୍ରଧାନଙ୍କ ପରିଚାଳନାରେ ଗଞ୍ଜାମ ଏହି ପ୍ରତିଯୋଗିତା ଆୟୋଜିତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଛତ୍ରପୁର ଅତିରିକ୍ତ ପୋଲିସ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ କୁମାର ଦାଶ, ରମ୍ଭା ଥାନାଧିକାରୀ କୁମର ମୁଦୁଲି ଏବଂ ବିଚାରକ ଭାବେ ଗଞ୍ଜାମ ଜିଲା ବଡ଼ିବିଲଡିଂର ସଦସ୍ୟମାନେ ମଞ୍ଚାସିନ ଥିଲେ। ମଞ୍ଚ ପରିଚାଳନରେ ଗଞ୍ଜାମ ବଡ଼ିବିଲଡିଂ ଆସୋସିଏଶନର ଜେନେରାଲ ସେକ୍ରେଟାରୀ ଏସ. ରାଜେଶ ବାବୁ ଆଚାରୀ, ୱାର୍କିଙ୍ଗ ପ୍ରେସିଡେଣ୍ଟ ଉମାଚାରଣ ଶତପଥୀ ରହିଥିବା ବେଳେ ବିଚାରକ ଭାବେ ଗଞ୍ଜାମ ଜିଲା ବଡ଼ିବିଲଡିଂ ଆସୋସିଏଶନ ପ୍ରେସିଡେଣ୍ଟ ଦିଦି ଲତା ବିଷୋୟୀ, ଅଧ୍ୟକ୍ଷ ବି. ବେଣୁ ଗୋପାଳ ରାଓ ଏବଂ ଅନ୍ୟମାନେ ସହଯୋଗ କରିଥିଲେ। ଏଥିରେ ଗଞ୍ଜାମଶ୍ରୀ ଭାବେ ଆସିକା ଅଞ୍ଚଳର ଜିତେନ୍ଦ୍ର ପଲେଇ, ବେଷ୍ଟ ପୋଜର ନିଗମାନନ୍ଦ ପଲେଇ ଓ ମୋଷ୍ଟ ଇମ୍ପ୍ରୋଭେଡ଼ ବଡ଼ିବିଲଡର ନାରାୟଣ ନାୟକ ବିବେଚିତ ହୋଇଥିଲେ। ସେମାନଙ୍କୁ ମାନପତ୍ର ଟ୍ରଫି ପ୍ରଦାନ କରାଯାଇଥିଲା।

# ଲୋଙ୍ଗର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ବର୍ଷା ଇଲେଭେନ ଚାମ୍ପିୟନ



ଖଲ୍ଲିକୋଟ,୨।୩(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ଆରମ୍ଭ ହୋଇଥିବା ଲୋଙ୍ଗର ପ୍ରିମୀୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲରେ ବର୍ଷା ଇଲେଭେନ ଚାମ୍ପିୟନ ହୋଇଛି। ଏଥିରେ ୪ଟି ଟିମ୍ ରୟାଲ ବ୍ଲାଷ୍ଟର, ଡେଜଟ ଇଲେଭେନ, ବର୍ଷା ଇଲେଭେନ ଓ ସାଡୋ ଷ୍ଟ୍ରାଇକର ପ୍ରମୁଖ ଭାଗ ନେଇଥିଲେ। ଫାଇନାଲରେ ବର୍ଷା ଇଲେଭେନ ଏବଂ ରୟାଲ ବ୍ଲାଷ୍ଟର ମଧ୍ୟରେ ଖେଳ ହୋଇଥିଲା। ଏଥିରେ ବର୍ଷା ଇଲେଭେନ ବିଜୟ ଲାଭ କରିଥିଲା। ସାମାଜିକକର୍ମୀ ମନୋରଞ୍ଜନ ବେହେରା (ମନୁ) ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌କୁ କପ ପ୍ରଦାନ କରିଥିଲେ। ସେହିପରି ସାମାଜିକକର୍ମୀ ଲକ୍ଷ୍ମଣ ରଥ ଏବଂ ଶେଖର ତରେଇ ଅତିଥି ଭାବେ ଯୋଗଦେଇ ରନର ଟିମ୍‌କୁ ଏବଂ ଶ୍ରେଷ୍ଠ ଖେଳାଳିଙ୍କୁ କପ୍ ସିଲ ଦେଇ ଉତ୍ସାହିତ କରିଥିଲେ। ବଳିଆ ତରେଇ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ୍ ଅପ୍ ସିରିଜ କପ୍ ଲାଭ କରିଥିଲେ। ମୁଖ୍ୟଅତିଥି ଖେଳାଳୀଙ୍କୁ ଉତ୍ସାହିତ କରିବା ସହ ଲୋଙ୍ଗର କ୍ରିକେଟ କ୍ଲବ୍‌ର ଉନ୍ନତି ପାଇଁ ତାଙ୍କର ଶ୍ରଦ୍ଧା ଏବଂ ସହଯୋଗ ସର୍ବଦା ରହିବ ବୋଲି ପ୍ରକାଶ କରିଥିଲେ।

# ଜଙ୍ଗଲ ନିଆଁ ପ୍ରଶମନ ପାଇଁ ବନ ବିଭାଗ ପ୍ରସ୍ତୁତ କଲା ମାଷ୍ଟର ପ୍ଲାନ୍

ବ୍ରହ୍ମପୁର,୨।୩(ସୁବାସ ଚନ୍ଦ୍ର ପାଢ଼ୀ)

ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହୋଇଛି। ଏବର୍ଷ ଅନ୍ୟ ବର୍ଷ ତୁଳନାରେ ଅଧିକ ରୌଦ୍ରତାପ ପରିଲକ୍ଷିତ ହେଲାଣି। ଜଙ୍ଗଲରେ ନିଆଁ ଲଗେଇଲେ ନିରୀହ ବନ୍ୟଜନ୍ତୁମାନେ ନାହିଁ ନ ଥିବା ସମସ୍ୟାରେ ସମ୍ମୁଖୀନ ହୁଅନ୍ତି। ବ୍ରହ୍ମପୁର ସର୍କଲରେ ସାତୋଟି ବନଖଣ୍ଡ ଅନ୍ତର୍ଭୁକ୍ତ। ଏହି ସବୁ ବନଖଣ୍ଡରେ ଓ ଜଙ୍ଗଲ ଆଖପାଖରେ ରହୁଥିବା ଜନସାଧାରଣଙ୍କୁ ନିଆଁ ନ ଲଗାଇବା ପାଇଁ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ବ୍ରହ୍ମପୁର ସର୍କଲ ବିଶ୍ୱନାଥ ନୀଳାମ୍ବର ଆଜି ଆରସିସିଏଫ୍ କାର୍ଯ୍ୟାଳୟ ପରିସରରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ଅନୁରୋଧ କରିଛନ୍ତି। ବିଗତ ପାଞ୍ଚ ବର୍ଷର ତଥ୍ୟକୁ ଆକଳନ କରାଯାଇ ଜଙ୍ଗଲ ନିଆଁ ପ୍ରଶମନ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି । ଏହି ସାତୋଟି ଡିଭିଜନରେ ବିଗତ ପାଞ୍ଚ ବର୍ଷ ମଧ୍ୟରେ ୭ ହଜାରରୁ ଉର୍ଦ୍ଧ୍ୱ ସ୍ଥାନରେ ନିଆଁ ଲାଗିଥିଲା। ସମୟାନ୍ତରରେ ଲୋକଙ୍କ ମଧ୍ୟରେ ସଚେତନତା ବଢୁଛି




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆର୍‌ସିସିଏଫ, ଡିଏଫଓ ଓ ଅନ୍ୟମାନେ।

ଏବଂ ନିଆଁ ଲଗା କମୁଛି। ଚଳିତ ବର୍ଷ ୭ ବନଖଣ୍ଡର ୧୧୪ ସ୍ଥାନର ନିଆଁକୁ ପ୍ରଶମିତ କରାଯାଇସାରିଛି। ପୋଡୁ ଚାଷ ପାଇଁ ନିଆଁ ଲାଗେ। ଆଦିବାସୀ ସମ୍ପ୍ରଦାୟ ତଥା ଜଙ୍ଗଲ ନିକଟସ୍ଥ ଗ୍ରାମର ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଜରିଆରେ ଗ୍ରାମବାସୀଙ୍କୁ ନିଆଁ ନ ଲଗାଇବା ପାଇଁ ସେ ଅନୁରୋଧ କରିଛନ୍ତି । ବ୍ରହ୍ମପୁର ସର୍କଲର ଘଞ୍ଚ ଜଙ୍ଗଲରେ ୬ହଜାର କିମି ଫରେଷ୍ଟ ଫାୟାର ଲାଇନ ପ୍ରସ୍ତୁତି କରାଯାଇ ଲୋକକଳା, ବୈଠକ, ସାମାଜିକ ଗଣମାଧ୍ୟମ ଓ ଅନ୍ୟାନ୍ୟ ମାଧ୍ୟମରେ ଜନ ସଚେତନତାକୁ ବ୍ୟାପକ କରାଯାଇଛି । ଏହି ସାତୋଟି ବନଖଣ୍ଡ କର୍ମଚାରୀ, ବନ ସୁରକ୍ଷା ସମିତିର ସଦସ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଚଳିତ ବର୍ଷ ଜଙ୍ଗଲ ନିଆଁକୁ ତୁରନ୍ତ ପରାହତ କରିବା ପାଖାପାଖି ୬୦୦ ବ୍ରୋୟର, ୪୨ ଯାନ, ୪୦୮ ସ୍କ୍ୱାର୍ଡ ଗଠନ କରାଯାଇଛି । ତା ସହିତ ୭ ବନଖଣ୍ଡର କଣ୍ଟ୍ରୋଲ ରୁମର ଟେଲିଫୋନ ନମ୍ବର ଜାରି କରାଯାଇଛି। ଜଙ୍ଗଲରେ ନିଆଁ ଲାଗିଥିବା ଜାଣିବା କ୍ଷଣି ତୁରନ୍ତ ଜଣାଇବା ପାଇଁ ସଚେତନ ନାଗରିକମାନଙ୍କୁ ଆରସିସିଏଫ ନୀଳାମ୍ବର ଅନୁରୋଧ କରିଛନ୍ତି। ଜଙ୍ଗଲ ନିଆଁ ଜାଣିବାରେ ବିଭାଗକୁ ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ(ଏସଏଆଇ) ଦ୍ୱାରା ପ୍ରସ୍ତୁତ ଫାୟାର ଆଲର୍ଟ ସିଷ୍ଟମ ବିଶେଷ ଉପଯୋଗୀ ସାବ୍ୟସ୍ତ ହେଉଛି। ତାସହିତ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମୁଖ୍ୟ କାର୍ଯ୍ୟାଳୟରୁ ସାଟାଲାଇଟ ପ୍ରାପ୍ତ ସୂଚନା ପାଇବା କ୍ଷଣି ନିଆଁକୁ ଯଥାଶୀଘ୍ର ପ୍ରଶମିତ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ଏହା ସହିତ ଜିଲାପାଳମାନଙ୍କ ନେତୃତ୍ୱରେ ଜିଲା ଫାୟାର ପ୍ଲାନ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଅଂଚଳରେ ଆବଶ୍ୟକତା ଅନୁଯାୟୀ ବିହିତ ପଦକ୍ଷେପ ନିଆଯାଉଛି । ବ୍ରହ୍ମପୁର ବନଖଣ୍ଡ ଅଧିକାରୀ (ଡିଏଫଓ) ସନ୍ନି ଖୋଖର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଓ ବିଭାଗୀୟ ଅଧିକାରୀମାନେ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।

